# NATIONAL NEWS BULLETIN (ODIA)

## 22 December - 2025

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଭାରତ–ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ରାଜିନାମା ମାଧ୍ୟମରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ଦ୍ୱିଗୁଣିତ କରିବା ପାଇଁ ପଥ ଉନ୍ମୁକ୍ତ ହୋଇଛି; କହିଲେ ପ୍ରଧାନମନ୍ତ୍ରୀ
- ଏନ୍.ସି.ଆର୍.ରେ ଖଣିଖନନ କାର୍ଯ୍ୟ ଲାଗି ଅନୁମତି ଦିଆଯିବ ନାହିଁ; କେନ୍ଦ୍ର ପରିବେଶ ମନ୍ତ୍ରୀଙ୍କ ସ୍ୱଷ୍ଟୋକ୍ତି
- ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ଦୂତ ଭାବେ ଆସନ୍ତାକାଲି ଗସ୍ତ କରିବେ ଶ୍ରୀଲଙ୍କା

ଏବଂ

- ବିଶାଖାପଟ୍ଟନମ୍‌ଠାରେ ଆସନ୍ତାକାଲି ଖେଳାଯିବ ଭାରତ–ଶ୍ରୀଲଙ୍କା ମହିଳା ଟି-ଟ୍ୱେଣ୍ଟି କ୍ରିକେଟ ମ୍ୟାଚ୍

## ପିଏମ୍-ଏଫ୍‌ଟିଏ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତ–ନ୍ୟୁଜିଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ମାଧ୍ୟମରେ ଆଗାମୀ ୫ ବର୍ଷ ମଧ୍ୟରେ ଦ୍ୱିପକ୍ଷୀୟ ବାଣିଜ୍ୟ କାରବାରକୁ ଦ୍ୱିଗୁଣିତ କରିବା ଲାଗି ପଥ ଉନ୍ମୁକ୍ତ ହୋଇଛି। ସାମାଜିକ ଗଣମାଧ୍ୟମରେ ଏହି ରାଜିନାମା ସମ୍ପର୍କରେ ସୂଚନା ଦେଇ ଶ୍ରୀ ମୋଦୀ କହିଛନ୍ତି, ଏହାଦ୍ୱାରା ଭାରତ ଓ ନ୍ୟୁଜିଲାଣ୍ଡ ଭାଗିଦାରୀ ଏକ ନୂତନ ଶିଖର ଛୁଇଁବାକୁ ଯାଉଛି। ବିଭିନ୍ନ କ୍ଷେତ୍ରରେ ନ୍ୟୁଜିଲାଣ୍ଡ ପକ୍ଷରୁ ୨୦ ବିଲିୟନ୍‌ରୁ ଊର୍ଦ୍ଧ୍ୱ ଡଲାରର ପୁଞ୍ଜିନିବେଶ ପ୍ରକ୍ରିୟାକୁ ଭାରତ ସ୍ୱାଗତ କରୁଛି ବୋଲି ସେ କହିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ଭାରତର ପ୍ରତିଭାବାନ ଯୁବବର୍ଗ, ସକ୍ରିୟ ଷ୍ଟାର୍ଟ-ଅପ୍ ଇକୋସିଷ୍ଟମ ଏବଂ ସଂସ୍କାର ଆଧାରିତ ଅର୍ଥବ୍ୟବସ୍ଥା ଦ୍ୱାରା ଦୁଇ ଦେଶ ମଧ୍ୟରେ ଦୀର୍ଘସୂତ୍ରୀ ଭାଗିଦାରୀ ଲାଗି ଏକ ସଶକ୍ତ ଭିତ୍ତିଭୂମି ସୃଷ୍ଟି କରାଯାଇପାରିବ। ଆଗାମୀ ଦିନରେ କ୍ରୀଡ଼ା, ଶିକ୍ଷା, ସାଂସ୍କୃତିକ ସମ୍ପର୍କ ଆଦି କ୍ଷେତ୍ରରେ ଭାରତ ଓ ନ୍ୟୁଜିଲାଣ୍ଡ ଭାଗିଦାରୀକୁ ଅଧିକ ସଶକ୍ତ କରିପାରିବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି।

## ଗୋଏଲ– ଏଫ୍‌ଟିଏ ଏନ୍‌ଜି

ଭାରତ–ନ୍ୟୁଜିଲାଣ୍ଡ ମଧ୍ୟରେ ଆଜି ମୁକ୍ତ ବାଣିଜ୍ୟ ରାଜିନାମା ସଫଳତାର ସହ ସମ୍ପନ୍ନ ହେବା ପରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୁଷ ଗୋଏଲ ତାଙ୍କର ନ୍ୟୁଜିଲାଣ୍ଡ ପ୍ରତିପକ୍ଷ ଟୋଡ୍ ମ୍ୟାକ୍ଲେଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା

ଦେଇ ଶ୍ରୀ ଗୋଏଲ କହିଛନ୍ତି, ଏହି ରାଜିନାମା ସମ୍ପର୍କରେ ଦୁଇ ଦେଶରେ ସୃଷ୍ଟି ହୋଇଥିବା ସକାରାତ୍ମକ ମନୋଭାବ ଉପରେ ସେମାନେ ଆଜି ଟେଲିଫୋନ୍ ମାଧ୍ୟମରେ ଆଲୋଚନା କରିଛନ୍ତି। ଦ୍ୱିପକ୍ଷୀୟ ସମ୍ପର୍କକୁ ଅଧିକ ସମ୍ପ୍ରସାରିତ କରିବା ଲାଗି ଭାରତ ଗସ୍ତରେ ଆସିବାକୁ ସେ ଶ୍ରୀ ମ୍ୟାକ୍ଲେଙ୍କୁ ନିମନ୍ତ୍ରଣ କରିଛନ୍ତି ବୋଲି ଶ୍ରୀ ଗୋଏଲ କହିଛନ୍ତି। ଉଭୟ ଦେଶର ଲୋକଙ୍କ ସମୃଦ୍ଧି ସହିତ ବୃହତ୍ତର ସୁଯୋଗ ସୃଷ୍ଟି କରିବା ଦିଗରେ ଏହି ରାଜିନାମାକୁ ମିଳିତ ଭାବେ ସଫଳତାର ସହ କାର୍ଯ୍ୟ କରିବା ଲାଗି ଉଭୟ ମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ ବୋଲି ଆଲୋଚନାରେ ମତବ୍ୟକ୍ତ କରିଥିବା ସମ୍ପର୍କରେ ଶ୍ରୀ ଗୋଏଲ ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

## ଜୟଶଙ୍କର–ଏଫ୍‌ଟିଏ

ଭାରତ–ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ରାଜିନାମାକୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଦୁଇ ଦେଶ ମଧ୍ୟରେ ଏକ ଐତିହାସିକ ସମ୍ପର୍କ ଭାବେ ଅଭିହିତ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ଏହି ରାଜିନାମା ମାଧ୍ୟମରେ ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ଭାଗିଦାରୀକୁ ତ୍ୱରାନ୍ୱିତ କରାଯାଇପାରିବ। ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର, ପୁଞ୍ଜିନିବେଶ ଏବଂ ଅର୍ଥନୈତିକ ସହଯୋଗକୁ ବୃଦ୍ଧି କରିବା ଦିଗରେ ଏହି ରାଜିନାମା ସହାୟକ ହେବ ବୋଲି ଡକ୍ଟର ଜୟଶଙ୍କର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ଭୁପେନ୍ଦ୍ର ଯାଦବ– କନଫରେନ୍ସ

ଜାତୀୟ ରାଜଧାନୀ ଅଞ୍ଚଳ ଏନ୍.ସି.ଆର୍.ରେ ଖଣି ଖନନ କାର୍ଯ୍ୟ ଲାଗି ଅନୁମତି ଦିଆଯିବ ନାହିଁ ବୋଲି କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୁପେନ୍ଦ୍ର ଯାଦବ କହିଛନ୍ତି। ଆଜି ଏକ ସାମ୍ବାଦିକ ସମ୍ମିଳୀନରେ ଆରାଭାଲି ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଉପରେ ଆଲୋକପାତ କରି ଶ୍ରୀ ଯାଦବ କହିଛନ୍ତି, ଆରାଭାଲି ସବୁଜ ବଳୟ ପ୍ରକଳ୍ପ ମାଧ୍ୟମରେ ଏହି ପର୍ବତମାଳା ଅଞ୍ଚଳକୁ ସୁରକ୍ଷିତ ରଖିବା ଦିଗରେ ସରକାରଙ୍କ ନିରନ୍ତର ପ୍ରଚେଷ୍ଟାକୁ ସର୍ବୋଚ୍ଚ ଅଦାଲତ ପ୍ରଶଂସା କରିଛନ୍ତି। ଆରାଭଲି ନିକଟରେ ଏକ ସବୁଜ ବଳୟ ସହିତ ଉନ୍ନତ ଜୈବିକ ପରିବେଶ ସୃଷ୍ଟି କରିବା, ଅନୁର୍ବର ଜମିକୁ ସୁରକ୍ଷା ଦେବା ଏବଂ ମରୁଭୂମି ସ୍ଥିତି ସୃଷ୍ଟି ହେବା ପ୍ରକ୍ରିୟାକୁ ରୋକିବା ଦିଗରେ ସରକାର ଏହି ପଦକ୍ଷେପ ନେଇଛନ୍ତି। ଏକ ବୈଜ୍ଞାନିକ ପରିଚାଳିତ ଯୋଜନା ମାଧ୍ୟମରେ ଆରାଭାଲି ଅଞ୍ଚଳର ବିକାଶ ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଯାଦବ ସ୍ପଷ୍ଟ କରିଛନ୍ତି।

**V/O- BHUPENDRA-90**

**BHUPENDRA—YADAV**

# ଜୟଶଙ୍କର– ଏସ୍ଏଲ୍ ଭିଜିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ସ୍ୱତନ୍ତ୍ର ଦୂତ ଭାବେ ଶ୍ରୀଲଙ୍କା ଗସ୍ତ କରିବେ। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ଶ୍ରୀଲଙ୍କାର ନେତୃମଣ୍ଡଳୀଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବେ। ଭାରତର ପଡ଼ୋଶୀ ପ୍ରଥମ ନୀତି ଏହାଦ୍ୱାରା ପ୍ରତିଫଳିତ ହେଉଛି ଏବଂ ସାଇକ୍ଲୋନ୍ ଦିତ୍‌ୱା ପ୍ରଭାବରେ ଶ୍ରୀଲଙ୍କାରେ ହୋଇଥିବା ବିପର୍ଯ୍ୟୟକୁ ମୁକାବିଲା କରିବା ଦିଗରେ ଭାରତର ଅପରେସନ୍ 'ସାଗର ବନ୍ଧୁ' ପରିପ୍ରେକ୍ଷୀରେ ଡକ୍ଟର ଜୟଶଙ୍କରଙ୍କର ଏହି ଗସ୍ତ ଅନେକ ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରଣାଳୟ କହିଛି।

## ଭାଇସ୍ ପ୍ରେସିଡେଣ୍ଟ

୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ସ୍ୱପ୍ନ ପୂରଣ କରିବା ଦିଗରେ ପ୍ରଶାସକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ କହିଛନ୍ତି। ଆଜି ନୂଆଦିଲ୍ଲୀଠାରେ ୨୦୨୩ ଓ ୨୦୨୪ ବ୍ୟାଚ୍‌ର ଭାରତୀୟ ପ୍ରତିରକ୍ଷା ଅର୍ଥ ସେବା– ଆଇ.ଡି.ଏ.ଏସ୍. ତାଲିମ ଅଧିକାରୀମାନଙ୍କ ସହିତ ବାର୍ତ୍ତାଳାପ ସମୟରେ ସେ ଏହା କହିଛନ୍ତି। ଦେଶର କରଦାତାମାନଙ୍କର କଷ୍ଟ ଅର୍ଜିତ ଅର୍ଥର ସୁବିନିଯୋଗ ଦିଗରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ଅଖଣ୍ଡତା ବଜାୟ ରଖିବା ସହିତ ତୀକ୍ଷ୍ଣ ଦୃଷ୍ଟି ରଖିବା ଉପରେ ଉପରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି। ସଶସ୍ତ୍ର ବାହିନୀର କାର୍ଯ୍ୟଦକ୍ଷତା ବୃଦ୍ଧି ଦିଗରେ ଏକ ଉତ୍ତମ ଆର୍ଥିକ

ପରିଚାଳନା ଜରୁରୀ ବୋଲି ଶ୍ରୀ ରାଧାକ୍ରିଷ୍ଣନ୍ କହିଛନ୍ତି। ଭବିଷ୍ୟତରେ ସେବାଭାବ ଓ କର୍ତ୍ତବ୍ୟବୋଧକୁ ମାର୍ଗଦର୍ଶକ ମନ୍ତ୍ର ଭାବେ ଆପଣାଇବା ସହିତ ଦେଶ ନିର୍ମାଣ କ୍ଷେତ୍ରରେ ସମ୍ପୂର୍ଣ୍ଣ ଶକ୍ତି ଓ ନବସୃଜନାତ୍ମକ ମନୋଭାବ ନେଇ କାର୍ଯ୍ୟ କରିବାକୁ ଉପରାଷ୍ଟ୍ରପତି ଏହି ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

# ସିନ୍ଧିଆ– ଟାସ୍କ ଫୋର୍ସ ମିଟିଂ

ଦେଶର ଉତ୍ତର-ପୂର୍ବାଞ୍ଚଳରେ ଭିତ୍ତିଭୂମି, ଗମନାଗମନ ଏବଂ ସଂଯୋଗୀକରଣକୁ ଅଧିକ ସଶକ୍ତ କରିବା ଲାଗି ଆଜି ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ବୈଠକରେ ବିଭାଗୀୟ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଅଂଶଗ୍ରହଣ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ସିନ୍ଧିଆ କହିଛନ୍ତି, ଏହି ବୈଠକରେ ତ୍ରିପୁରା ମୁଖ୍ୟମନ୍ତ୍ରୀ ଡକ୍ଟର ମାନିକ ଶାହା ଅଧ୍ୟକ୍ଷତା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆକ୍ଟ-ଇଷ୍ଟ, ଆକ୍ଟ-ଫାଷ୍ଟ ଓ ଆକ୍ଟ-ଫଷ୍ଟ ଭିଜନ୍ ଅଧୀନରେ ଭାରତର ଉତ୍ତର-ପୂର୍ବାଞ୍ଚଳର ଅଷ୍ଟଲକ୍ଷ୍ମୀ ରାଜ୍ୟଗୁଡ଼ିକୁ ଦକ୍ଷିଣ– ପୂର୍ବ ଏସିଆର ପ୍ରବେଶପଥ ଭାବେ ଗଢ଼ି ତୋଳିବା ଦିଗରେ ଏହି ବୈଠକରେ ରଣନୈତିକ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଛି। ଏତଦ୍‌ବ୍ୟତୀତ ସମ୍ପୃକ୍ତ ଅଞ୍ଚଳର ବିକାଶ ସହିତ ସେଠାରେ ଅଭିବୃଦ୍ଧିର ନୂତନ ସୁଯୋଗ ସୃଷ୍ଟି କରିବା ଦିଗରେ ବହୁବିଧ ତଥା ଡିଜିଟାଲ ସଂଯୋଗୀକରଣ କାର୍ଯ୍ୟର ମଧ୍ୟ ଏଥିରେ ସମୀକ୍ଷା କରାଯାଇଛି। ଏହି ବୈଠକରେ ମିଜୋରାମ ମୁଖ୍ୟମନ୍ତ୍ରୀ ଲାଲଦୁହୋମା ଓ ସିକ୍କିମ ସରକାରଙ୍କ

ପ୍ରତିନିଧି ଏବଂ ଶିଳ୍ପ ଓ ଆନ୍ତଃ ବାଣିଜ୍ୟ ପ୍ରୋତ୍ସାହନ ବିଭାଗର ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଥିଲେ ବୋଲି ଶ୍ରୀ ସିନ୍ଧିଆ କହିଛନ୍ତି।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଉପଭୋକ୍ତା ଅଧିକାର ଓ ଦାୟିତ୍ୱ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଉପଭୋକ୍ତା ବ୍ୟାପାର ବିଭାଗର ସଚିବ ନିଧି ଖରେ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଗଭ୍– ହେଲ୍‌ଥ

ଦେଶବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଗତ ୧୧ ବର୍ଷ ମଧ୍ୟରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଏହି କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ ରୂପାନ୍ତରୀକରଣ କରିଛନ୍ତି। ଆଜି ନୂଆଦିଲ୍ଲୀସ୍ଥିତ ବର୍ଦ୍ଧମାନ ମହାବୀର ମେଡିକାଲ ମହାବିଦ୍ୟାଳୟ ଏବଂ ସଫଦରଜଙ୍ଗ୍ ହସ୍ପିଟାଲର ସପ୍ତମ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ କେନ୍ଦ୍ର

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଏହା କହିଛନ୍ତି। ସେ କହିଛନ୍ତି, ପ୍ରାଥମିକ ସ୍ତରରୁ ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ସମଗ୍ର ସ୍ୱାସ୍ଥ୍ୟସେବାକୁ ସମସ୍ତଙ୍କ ଲାଗି ସୁଗମ ଓ ଉପଲବ୍ଧ କରାଇବା ସହିତ ସୁଦୃଢ଼ କରିବା ଦିଗରେ ସରକାର ଅବିରତ ଉଦ୍ୟମ ଜାରି ରଖିଛନ୍ତି। ଏହାଛଡ଼ା ଗରିବ ଏବଂ ଆର୍ଥିକ ଅନଗ୍ରସର ବର୍ଗଙ୍କର ସ୍ୱାସ୍ଥ୍ୟ କ୍ଷେତ୍ରରେ ଆର୍ଥିକ ସୁରକ୍ଷା ଲାଗି ସରକାର ବିବିଧ ଯୋଜନା ପ୍ରଣୟନ କରିଛନ୍ତି ବୋଲି କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ କହିଛନ୍ତି।

# ନୀତି ଆୟୋଗ

ନୀତି ଆୟୋଗଙ୍କ ପକ୍ଷରୁ ଆଜି ଭାରତର ଉଚ୍ଚଶିକ୍ଷାକୁ ଆନ୍ତର୍ଜାତିକୀକରଣ ସମ୍ପର୍କିତ ଏକ ରିପୋର୍ଟ ପ୍ରକାଶ ପାଇଛି। ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ ତଥା ଗବେଷଣା ଅନୁଷ୍ଠାନ ମଧ୍ୟରେ ଭାରତର ଅଗ୍ରଣୀ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ସ୍ଥାନ ଦେବା ହେଉଛି ଏହି ରିପୋର୍ଟର ଉଦ୍ଦେଶ୍ୟ। ଏହି ରିପୋର୍ଟରେ ୨୨ଟି ନୀତି ଏବଂ ନିର୍ଦ୍ଦିଷ୍ଟ ଅଂଶୀଦାରଙ୍କ ଲାଗି ୭୬ଟି କାର୍ଯ୍ୟଖସଡ଼ା ପ୍ରସ୍ତାବ ଦିଆଯାଇଛି। ୧୬୦ରୁ ଊର୍ଦ୍ଧ୍ୱ ଭାରତୀୟ ବିଶ୍ୱବିଦ୍ୟାଳୟ, ପ୍ରାୟ ୩୦ଟି ଆନ୍ତର୍ଜାତୀୟ ସ୍ତରୀୟ ଅନୁଷ୍ଠାନ, କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍‌ଙ୍କ ସମେତ ଓ ଆର୍ନ୍ତଜାତିକ ସ୍ତରୀୟ ଶିକ୍ଷା ବିଶେଷଜ୍ଞଙ୍କ ସହିତ ବିସ୍ତୃତ ପରାମର୍ଶ ପରେ ଏଭଳି ସୁପାରିସ ଦିଆଯାଇଥିବା ନୀତି ଆୟୋଗଙ୍କ ପକ୍ଷରୁ କୁହାଯାଇଛି।

# ୱିମେନ୍ସ– କ୍ରିକେଟ

ଭାରତ–ଶ୍ରୀଲଙ୍କା ଦ୍ୱିତୀୟ ମହିଳା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ ମ୍ୟାଚ୍ ଆସନ୍ତାକାଲି ବିଶାଖାପଟ୍ଟନମ୍‌ଠାରେ ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ। ଗତ ରାତିରେ ବିଶାଖାପଟ୍ଟନମ୍‌ଠାରେ ଅନୁଷ୍ଠିତ ଏହି ୫ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ’ ଶ୍ରୀଲଙ୍କାକୁ ୮ ୱିକେଟ୍‌ରେ ପରାସ୍ତ କରି ବର୍ତ୍ତମାନ ୧-୦ରେ ସିରିଜ୍ ଅଗ୍ରଣୀ ରହିଛି।